# NATIONAL NEWS BULLETIN (ODIA)

**18 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବାଲ୍ୟବିବାହ ନିଷେଧ ଆଇନ୍‌କୁ ବ୍ୟକ୍ତିଗତ ଆଇନ୍ ଦ୍ୱାରା ପ୍ରତିରୋଧ କରାଯାଇ ପାରିବ ନାହିଁ - କହିଲେ ସୁପ୍ରିମକୋର୍ଟ ।
- ମାନବାଧିକାର ସର୍ବଦା ଭାରତର ନୈତିକ ଢ଼ାଞ୍ଚାରେ ରହିଛି ବୋଲି କହିଛନ୍ତି ଉପରାଷ୍ଟ୍ରପତି ଜଗଦୀପ ଧନଖଡ ।
- ଆସନ୍ତାକାଲି ନୂଆଦିଲ୍ଲୀରେ କର୍ମଯୋଗୀ ଜାତୀୟ ଶିକ୍ଷଣ ସପ୍ତାହର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ନିମନ୍ତେ ବିଜ୍ଞପ୍ତି ଜାରି

\- ପ୍ରଥମଥର ପାଇଁ ଅନ୍‌ଲାଇନ୍ ନାମାଙ୍କନ ସୁବିଧା ଉପଲବ୍ଧ

ଏବଂ

- ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟମ୍ୟାଚ୍‌ର ଆଜି ତୃତୀୟ ଦିନରେ ପ୍ରଥମ ଇନିଂସ୍‌ରେ ୪୦୨ରନ୍ ସ୍କୋର କରିଛି ନ୍ୟୁଜିଲାଣ୍ଡ ।

# ଏସ୍‌ସି–ଚାଇଲ୍ଡ ମ୍ୟାରେଜ୍

ବାଲ୍ୟବିବାହ ନିଷେଧ ଆଇନ୍‌କୁ ବ୍ୟକ୍ତିଗତ ଆଇନ୍ ଦ୍ୱାରା ବନ୍ଦ କରାଯାଇ ପାରିବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । ସ୍ୱାଧୀନ ଭାବେ ଜୀବନସାଥୀ ଚୟନକୁ ବାଲ୍ୟବିବାହ ଉଲ୍ଲଙ୍ଘନ କରୁଥିବା ସୁପ୍ରିମକୋର୍ଟ କହିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ.ଚନ୍ଦ୍ରଚୂଡ, ଜଷ୍ଟିସ ଜେ.ବି. ପାର୍ଦ୍ଦିୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଦେଶରେ ବାଲ୍ୟବିବାହ ନିବାରଣ ଆଇନ୍‌ର ପ୍ରଭାବଶାଳୀ ରୂପାୟନ ନିମନ୍ତେ ମାର୍ଗଦର୍ଶିକା ଜାରି କରିଛନ୍ତି ।

ପ୍ରଧାନ ବିଚାରପତି କହିଛନ୍ତି ବାଲ୍ୟବିବାହ ରୋକିବା ଉଦ୍ଦେଶ୍ୟରେ ଆଇନ୍ କାର୍ଯ୍ୟକାରୀତା କ୍ଷେତ୍ରରେ ବ୍ୟକ୍ତିଗତ ଆଇନ୍ ବାଧା ସୃଷ୍ଟି କରିବା ଉଚିତ୍ ନୁହେଁ । ଅପରାଧୀମାନଙ୍କୁ ଦଣ୍ଡିତ କରିବା ସମୟରେ ବାଲ୍ୟବିବାହ ନିବାରଣ ଏବଂ ନାବାଳକ ସୁରକ୍ଷା ଉପରେ କର୍ତ୍ତୃପକ୍ଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ଖଣ୍ଡପୀଠ ବାଲ୍ୟବିବାହ ନିଷେଧ ଆଇନ୍‌ରେ କେତେକ ତ୍ରୁଟି ରହିଥିବା କହିଛନ୍ତି । ବାଲ୍ୟବିବାହ ରୋକିବା ଏବଂ ଏହାକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ୨୦୦୬ ମସିହାରେ ପ୍ରଣୟନ ହୋଇଥିବା ବାଲ୍ୟବିବାହ ନିଷେଧ ଆଇନ୍ ୧୯୨୯ର ବାଲ୍ୟବିବାହ ନିୟନ୍ତ୍ରଣ ଆଇନ୍‌ର ସ୍ଥାନ ନେଇଥିଲା ।

## ଭିପି-ଏନ୍‌ଏଚ୍‌ଆର୍‌ସି

ମାନବାଧିକାର ସର୍ବଦା ଭାରତର ନୈତିକ ଢ଼ାଞ୍ଚାରେ ରହିଆସିଛି ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଜାତୀୟ ମାନବାଧିକାର ଆୟୋଗର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିଛନ୍ତି । ଉପରାଷ୍ଟ୍ରପତି କହିଛନ୍ତି ଭାରତୀୟ ସମ୍ବିଧାନ ମାନବାଧିକାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ସମସ୍ତ ନାଗରିକଙ୍କୁ ନ୍ୟାୟ, ସମାନତା ଓ ଅଧିକାର ଦେବା କ୍ଷେତ୍ରରେ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ବ୍ୟବସ୍ଥା ରହିଛି । ଉପରାଷ୍ଟ୍ରପତି କହିଛନ୍ତି ମାନବାଧିକାର କ୍ଷେତ୍ରରେ ଉପୁଜୁଥିବା ଯେକୌଣସି ଭେଦଭାବ ଆହ୍ୱାନମୂଳକ ପରିସ୍ଥିତି ସୃଷ୍ଟି କରୁଛି । ତେବେ ଅନ୍ୟର ମାନବିକ ଅଧିକାରକୁ ସମ୍ମାନ ଦେବା ହେଉଛି ନିଜର ମାନବିକ ଅଧିକାରକୁ ସମ୍ମାନ ଦେବା ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ କହିଛନ୍ତି ।

## ପିଏମ୍‌-କର୍ମଯୋଗୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ କର୍ମଯୋଗୀ ସପ୍ତାହ-ଜାତୀୟ ଶିକ୍ଷଣ ସପ୍ତାହର ଶୁଭାରମ୍ଭ କରିବେ । ଏହି ସପ୍ତାହରେ ପ୍ରତ୍ୟେକ କର୍ମଯୋଗୀ ଅତିକମ୍‌ରେ ୪ ଘଣ୍ଟିଆ ଦକ୍ଷତା ସହ ସମ୍ପର୍କିତ

ଶିକ୍ଷଣ ଲକ୍ଷ୍ୟ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିରେ ବ୍ୟକ୍ତିଗତ ଏବଂ ମନ୍ତ୍ରାଳୟ ଓ ସଂଗଠନ ସ୍ତରରେ ଜାତୀୟ ଶିକ୍ଷଣ ସପ୍ତାହ କାର୍ଯ୍ୟକାରୀ ହେବ । ଅଂଶଗ୍ରହଣକାରୀମାନେ ଆଇ.ଜି.ଓ.ଟି, ଓ୍ୱେବିନାର, ବକ୍ତୃତା ଏବଂ କ୍ଲାସ୍ ଆଧାରିତ ବିଭିନ୍ନ ମଡ୍ୟୁଲ ଅଧୀନରେ ଧାର୍ଯ୍ୟ ସମୟରେ ଶିକ୍ଷଣ ଲକ୍ଷ୍ୟ ହାସଲ କରିବେ । ସୂଚନା ଅନୁଯାୟୀ ଏହି ସପ୍ତାହରେ ବିଶିଷ୍ଟ ବକ୍ତାମାନେ ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ରାଜନାଥ ସିଂହ

ଅଣ ପରମ୍ପରାଗତ ଯୁଦ୍ଧ ପ୍ରତିରକ୍ଷା କ୍ଷେତ୍ରରେ ନୂଆ ଆହ୍ୱାନ ସୃଷ୍ଟି କରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ସେ କହିଛନ୍ତି ବର୍ତ୍ତମାନ ସମୟରେ ଯୁଦ୍ଧର ନୂଆ ରୂପ ଦେଖିବାକୁ ମିଳୁଛି, ଯେଉଁଥିରେ ଡ୍ରୋନ୍, ସାଇବର ଯୁଦ୍ଧ, ଜୈବିକ ଅସ୍ତ୍ରଶସ୍ତ୍ର ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଭାବେ ଉଭା ହୋଇଛି । ଆଜି ନୂଆଦିଲ୍ଲୀରେ ଡେୟାର ଟୁ ଡ୍ରିମ୍ ଇନୋଭେସନ ପ୍ରତିଯୋଗିତାର ପଞ୍ଚମ ସଂସ୍କରଣକୁ ଉନ୍ମୋଚନ କରିବା ଅବସରରେ ସେ ଏହା କହିଛନ୍ତି ।

ନବାଚାର ପ୍ରତି ସରକାର ପ୍ରତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ପ୍ରତିରକ୍ଷା କ୍ଷେତ୍ରରେ ଅନୁସନ୍ଧାନ ଏବଂ ବିକାଶର ବୃଦ୍ଧି ପାଉଥିବା ମହତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ସେ କହିଛନ୍ତି ଯେଉଁଭଳି ଭାବରେ ବିଶ୍ୱରେ ପରିବର୍ତ୍ତନ ଘଟୁଛି ସେହିଭଳି ଅନୁସନ୍ଧାନ ଏବଂ ବିକାଶର ମହତ୍ୱ ମଧ୍ୟ ବୃଦ୍ଧି ପାଉଛି । ସରକାର ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଅଧିକ

ନୂତନତା ଆଣିବା ଲାଗି ପ୍ରତିବଦ୍ଧ ଅଛନ୍ତି ବୋଲି ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି । ପାରମ୍ପରିକ ଯୁଦ୍ଧରେ ହେଉଥିବା ପରିବର୍ତ୍ତନ ଉପରେ ଶ୍ରୀ ସିଂହ କହିଛନ୍ତି, ବୈଷୟିକ ଜ୍ଞାନକୌଶଳ ଯୋଗୁଁ ବର୍ତ୍ତମାନ ସମୟରେ ଅସ୍ତ୍ରଶସ୍ତ୍ର ଓ ପ୍ରତିରକ୍ଷା ଉପକରଣ କ୍ଷେତ୍ରରେ ବଡ ଧରଣର ପରିବର୍ତ୍ତନ ଦେଖିବାକୁ ମିଳୁଛି । ଏହି ଅବସରରେ ଶ୍ରୀ ସିଂହ ଡେୟାର ଟୁ ଡ୍ରିମ୍ ଅଭିଯାନର ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଯୁବପିଢ଼ୀ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରଚେଷ୍ଟାରତ ରହିବା ଆବଶ୍ୟକ ବୋଲି କହିଛନ୍ତି ।

## ସିନ୍ଧୁ-ଡେନ୍‌ମାର୍କ

ଡେନ୍‌ମାର୍କ ବ୍ୟାଡମିଣ୍ଟନ ଓପନ ପ୍ରତିଯୋଗିତାରେ ଦୁଇଥରର ଅଲମ୍ପିକ୍ସ ପଦକ ବିଜେତା ପି.ଭି.ସିନ୍ଧୁ ଆଜି ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ବିଶ୍ୱର ୮ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଇଣ୍ଡୋନେସିଆର ଗ୍ରେଗୋରିଆ ମାରିସ୍କା ତୁନଜୁଙ୍ଗଙ୍କ ସହ ମୁକାବିଲା କରିବେ । ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ୪ଟା ୧୦ ମିନିଟ୍‌ରେ ଆରମ୍ଭ ହେବ । ଗତକାଲି ୧୬ତମ ପର୍ଯ୍ୟାୟରେ ସିନ୍ଧୁ ଚୀନ୍‌ର ହାନ୍ ୟୁଇଙ୍କୁ ୧୮-୨୧, ୨୧-୧୨ ଓ ୨୧-୧୬ ସେଟ୍‌ରେ ପରାସ୍ତ କରିଥିଲେ । ସୂଚନାଯୋଗ୍ୟ ୨୦୨୩ରେ ଫ୍ରେଞ୍ଚ ଓପନ ବ୍ୟାଡମିଣ୍ଟନରେ ପି.ଭି. ସିନ୍ଧୁ ଏବଂ ତୁନ୍‌ଜୁଙ୍ଗଙ୍କ ମଧ୍ୟରେ

ଶେଷଥର ମୁକାବିଲା ହୋଇଥିଲା । ଯେଉଁଥିରେ ସିନ୍ଧୁ ବିଜୟ ହାସଲ କରିଥିଲେ ।

## ଜେକେ-ବିଭାଗ ବଣ୍ଟନ

କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ-କାଶ୍ମୀରର ସରକାର ଆଜି ନବନିଯୁକ୍ତ ମନ୍ତ୍ରୀମାନଙ୍କର ବିଭାଗ ଘୋଷଣା କରିଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି, ରାଜଭବନରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଉପରାଜ୍ୟପାଳ ମନୋଜ ସିହ୍ନା ଜାମ୍ମୁକାଶ୍ମୀର ପ୍ରଶାସନର ବିଭିନ୍ନ ମନ୍ତ୍ରୀମାନଙ୍କ ବିଭାଗୀୟ ଦାୟିତ୍ୱ ସ୍ଥିର କରିଛନ୍ତି ।

ଉପମୁଖ୍ୟମନ୍ତ୍ରୀ ସୁରିନ୍ଦର କୁମାର ଚୌଧୁରୀଙ୍କୁ ପୂର୍ତ୍ତ, ଶିଳ୍ପ ଓ ବାଣିଜ୍ୟ, ଖଣି, ଶ୍ରମ ଓ ନଯୁକ୍ତି ଏବଂ ବିକାଶ ଓ ଦକ୍ଷତା ବିକାଶ ଦାୟିତ୍ୱ ଦିଆଯାଇଛି । ସକିନା ମସୁଦ ଇଟୁଙ୍କୁ ସ୍ୱାସ୍ଥ୍ୟ ଓ ଡାକ୍ତରୀ ଶିକ୍ଷା, ବିଦ୍ୟାଳୟ, ଉଚ୍ଚଶିକ୍ଷା ଓ ସମାଜ କଲ୍ୟାଣ ବିଭାଗ ଦାୟିତ୍ୱ ଦିଆଯାଇଛି ।

ସେହିପରି ଜାଭେଦ ଅହମ୍ମଦ ରାଣାଙ୍କୁ ଜଳଶକ୍ତି, ଜଙ୍ଗଲ, ପରିବେଶ ଏବଂ ଜନଜାତି ବ୍ୟାପାର ଦାୟିତ୍ୱ ଦିଆଯାଇଥିବାବେଳେ ଜାଭେଦ ଅହମ୍ମଦ ଡାର୍‌ଙ୍କୁ କୃଷି ଉତ୍ପାଦନ, ଗ୍ରାମୀଣ ଉନ୍ନୟନ, ପଞ୍ଚାୟତିରାଜ ଏବଂ ସମବାୟ ଓ ନିର୍ବାଚନ ବିଭାଗ ଦାୟିତ୍ୱ ଦିଆଯାଇଛି । ସତୀଶ ଶର୍ମାଙ୍କୁ ଖାଦ୍ୟ, ଯୋଗାଣ ଓ ଖାଉଟୀ ବ୍ୟାପାର, ପରିବହନ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଯୁବସେବା ଏବଂ କ୍ରୀଡ଼ା ତଥା ଏ.ଆର୍.ଆଇ ଓ ପ୍ରଶିକ୍ଷଣ ବିଭାଗ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି । ଅନ୍ୟ ସମସ୍ତ

ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ରହିବ ବୋଲି ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡିଛି ।

## ଦିଲ୍ଲୀ ବିଶ୍ୱବିଦ୍ୟାଳୟ

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ନର୍ଥ କ୍ୟାମ୍ପସରେ ଆୟୋଜିତ ଆଇନ୍ ସମ୍ପର୍କିତ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ବିଚାରପତିମାନଙ୍କ ସହ ଛାତ୍ରଛାତ୍ରୀମାନେ ଆଲୋଚନା କରିଛନ୍ତି । ଏହି ସମାରୋହରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସନ୍ଦିପ ମେହେଟ୍ଟା ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ ସି.ଡି.ସିଂହ  ବିଶ୍ୱବିଦ୍ୟାଳୟ ଆଇନ୍ ବିଭାଗର ଡିନ୍ ଡକ୍ଟର ଅଞ୍ଜୁଓ୍ୱାଲି ଟିକୁ ଏବଂ ପ୍ରଫେସର ଡକ୍ଟର ଅନୁପମ ଝା ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ବିଚାରପତିମାନେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ସହ ସେମାନଙ୍କ ଅନୁଭୂତି ଓ ଆଇନ୍ ବୃତ୍ତିର ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ ।

## ଝାଡ଼ଖଣ୍ଡ-ଅଧିସୂଚନା

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ନିମନ୍ତେ ନିର୍ବାଚନ ଆୟୋଗ ବିଜ୍ଞପ୍ତି ଜାରି କରିଛନ୍ତି । ଏହି ପର୍ଯ୍ୟାୟରେ ଆସନ୍ତା ନଭେମ୍ବର ୧୩ ତାରିଖରେ ୪୩ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ । ପ୍ରଥମଥର ପାଇଁ ନାମାଙ୍କନପତ୍ର ଦାଖଲ ନିମନ୍ତେ ନିର୍ବାଚନ

ଆୟୋଗ ଅନ୍‌ଲାଇନ୍ ସୁବିଧା ପ୍ରଦାନ କରିଛନ୍ତି । ଝାଡ଼ଖଣ୍ଡ ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବିକୁମାର କହିଛନ୍ତି ଅନ୍‌ଲାଇନ୍ ପୋର୍ଟାଲ **suvidha.eci.gov.in** ରେ ପ୍ରାର୍ଥୀପତ୍ର ଉପଲବ୍ଧ ହେଉଛି । ଆଶାୟୀ ପ୍ରାର୍ଥୀମାନେ ଅନ୍‌ଲାଇନ୍ ଫର୍ମ ପୂରଣ କରିବା ସହ ଜମାରାଶି ପ୍ରଦାନ କରିପାରିବେ । ଅନ୍‌ଲାଇନ୍ ମାଧ୍ୟମରେ ଶପଥପତ୍ର ମଧ୍ୟ ଜମା କରାଯାଇ ପାରିବ ବୋଲି ସେ କହିଛନ୍ତି । ନାମାଙ୍କନପତ୍ର ପୂରଣ ପରେ ତାହାର ପ୍ରିଣ୍ଟଆଉଟ୍ ନେଇ ପ୍ରାର୍ଥୀମାନେ ନୋଟାରୀଙ୍କ ନିକଟରୁ ଆବଶ୍ୟକ ସତ୍ୟପାଠ ଆଣିଲା ପରେ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟରେ ଜମା କରିପାରିବେ ।

ଚଳିତ ମାସ ୨୫ ତାରିଖ ସୁଦ୍ଧା ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବା ଲାଗି ସମୟ ଧାର୍ଯ୍ୟ କରାଯାଇଛି । ଦିନ ୧୧ଟାରୁ ଅପରାହ୍ଣ ୩ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ କରାଯାଇପାରିବ ।

ଆସନ୍ତା ୨୮ରେ ପ୍ରାର୍ଥୀପତ୍ର ଗୁଡ଼ିକୁ ଯାଞ୍ଚ୍ କରାଯିବ ଓ ୩୦ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇପାରିବ । ଝାଡ଼ଖଣ୍ଡ ବିଧାନସଭା ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ନଭେମ୍ବର ୨୦ ତାରିଖରେ ହେବାକୁ ଥିବାବେଳେ ସମସ୍ତ ପର୍ଯ୍ୟାୟର ଭୋଟ୍ ଗଣତି ୨୩ ତାରିଖରେ କରାଯିବ ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍.ଡି.ଏ. ଏବଂ ଇଣ୍ଡିଆ ମେଣ୍ଟ ସେମାନଙ୍କ ଅଂଶିଦାର ଅନ୍ୟ ରାଜନୈତିକ ଦଳ

ଗୁଡ଼ିକ ସହ ଆସନ ବୁଝାମଣା କରିବେ । ବିଜେପି ଏହି ନିର୍ବାଚନରେ ଏ.ଜେ.ଏସ୍.ୟୁ., ଜନତା ଦଳ ୟୁନାଇଟେଡ୍ ଏବଂ ଚିରାଗ ପାଶ୍ୱାନ୍ ସମର୍ଥିତ ଏଲ୍.ଜେ.ପି. ଦଳ ସହ ଆସନ ବୁଝାମଣା କରିବାକୁ ଥିବାବେଳେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା, କଂଗ୍ରେସ, ରାଷ୍ଟ୍ରୀୟ ଜନତା ଦଳ ଏବଂ ସି.ପି.ଆଇ.ଏମ୍.ଏଲ୍. ସହ ଆସନ ବୁଝାମଣା କରିବ ।

## ଜେକେ-ଉପରାଜ୍ୟପାଳ ବୈଠକ

କାଶ୍ମୀରରେ ଆତଙ୍କବାଦୀ ଘଟଣାରେ ପୀଡିତ ଲୋକମାନଙ୍କ ପରିବାର ସଦସ୍ୟଙ୍କ ସହ ଉପରାଜ୍ୟପାଳ ମନୋଜ ସିହ୍ନା ସାକ୍ଷାତ୍ ଆଲୋଚନା କରିଛନ୍ତି । ଗତକାଲି ରାଜଭବନରେ ଅନୁଷ୍ଠିତ ବୈଠକରେ ଉପରାଜ୍ୟପାଳ ଦୀର୍ଘଦିନ ଧରି ସମାଧାନ ନହୋଇ ପଡି ରହିଥିବା ମାମଲା ଗୁଡ଼ିକର ଶୀଘ୍ର ସମାଧାନ ଲାଗି ଉଦ୍ୟମ କରିବେ ବୋଲି କହିଛନ୍ତି । ସେ କହିଛନ୍ତି ସୁରକ୍ଷାବଳ ଏବଂ ଜାମ୍ମୁକାଶ୍ମୀର ପୋଲିସ ଆତଙ୍କବାଦୀଙ୍କ ପ୍ରତ୍ୟକ କାର୍ଯ୍ୟକଳାପକୁ ପ୍ରଭାବଶୂନ୍ୟ କରିବା ଲାଗି ପ୍ରତିବଦ୍ଧ ଅଟନ୍ତି ।

## ମହିଳା କ୍ରିକେଟ୍

ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଆଜି ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ନ୍ୟୁଜିଲାଣ୍ଡ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଆଜିର ବିଜେତା ଦଳ

ସହ ଆସନ୍ତା ରବିବାର ଦିନ ଦୁବାଇରେ ଦକ୍ଷିଣ ଆଫ୍ରିକା ଫାଇନାଲ୍ ମ୍ୟାଚ୍ ଖେଳିବ ।

ଗତକାଲି ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକା' ଅଷ୍ଟ୍ରେଲିଆକୁ ପରାସ୍ତ କରିଛି । ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଓ୍ୱିକେଟ୍ ବିନିମୟରେ ୧୩୪ରନ୍ ସ୍କୋର କରିଥିଲା । ଜବାବରେ ଦକ୍ଷିଣ ଆଫ୍ରିକା ୨ ଓଭର ବାକି ଥାଇ ବିଜୟଲକ୍ଷ୍ୟ ହାସଲ କରିଥିଲା ।

ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକାଭାବେ ହରମନପ୍ରୀତ ସିଂହଙ୍କୁ ଦାୟିତ୍ୱ ଦିଆଯାଇଛି । ଚଳିମାସ ୨୪ ତାରିଖରେ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଏକଦିବସୀୟ ଶୃଙ୍ଖଳା ପାଇଁ ହରମନପ୍ରୀତ ଅଧିନାୟିକା ଦାୟିତ୍ୱ ତୁଲାଇବେ । ଏହି ଶୃଙ୍ଖଳା ପାଇଁ ଅନ୍ୟ ୪ଜଣ ଖେଳାଳିଙ୍କୁ ମଧ୍ୟ ଚୟନ କରାଯାଇଛି । ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅହମ୍ମଦାବାଦରେ ହେବାକୁଥିବା ଏକଦିବସୀୟ ମ୍ୟାଚ୍ ସହ ଆସନ୍ତାବର୍ଷ ହେବାକୁଥିବା ଏକଦିବସୀୟ ବିଶ୍ୱକପ୍ ପାଇଁ ଭାରତୀୟ ମହିଳା ଦଳ ପ୍ରସ୍ତୁତି ଆରମ୍ଭ କରିଛି ।

## ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟ

ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ତିନିଟିକିଆ ଟେଷ୍ଟ ସିରିଜ୍‌ର ପ୍ରଥମ ଟେଷ୍ଟମ୍ୟାଚ୍‌ର ଆଜି ତୃତୀୟ ଦିନରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ୍‌ରେ

୪୦୨ରନ୍ ସ୍କୋର କରିଛି । ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ଭାରତ ଦ୍ୱିତୀୟ ଇନିଂସ୍‌ରେ ୬ ଓଭର ସୁଦ୍ଧା କୌଣସି ୱିକେଟ୍ ନ ହରାଇ ୨୨ ରନ୍ ସଂଗ୍ରହ କରିଛି । ଗତକାଲି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ୩ ୱିକେଟ୍‌ରେ ୧୮୦ରନ୍ ସଂଗ୍ରହ କରିଥିଲା । ପ୍ରଥମ ଇନିଂସ୍‌ରେ ଭାରତ ସମସ୍ତ ୱିକେଟ୍ ହରାଇ ମାତ୍ର ୪୬ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ।